# NATIONAL NEWS BULLETIN (ODIA)
## 8 April - 2025
## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ପର୍ତ୍ତୁଗାଲ୍‌ରେ ବସବାସ କରୁଥିବା ଭାରତୀୟ ଉଭୟ ଦେଶ ମଧ୍ୟରେ ସାଂସ୍କୃତିକ ସେତୁ ଭାବେ କାର୍ଯ୍ୟ କରୁଛନ୍ତି କହିଲେ ରାଷ୍ଟ୍ରପତି ।
- ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାକୁ ଆଜି ପୁରିଲା ୧୦ ବର୍ଷ ।

– ଏହା ଅଧୀନରେ ଏ ପର୍ଯ୍ୟନ୍ତ ପ୍ରଦାନ କରାଯାଇଛି ୩୨ ଲକ୍ଷ କୋଟିରୁ ଅଧିକ ଋଣ ।

- ଦୁଇ ଦିନିଆ ଭାରତ ଗସ୍ତରେ ଆସି ଆଜି ନୂଆଦିଲ୍ଲୀରେ ପହଞ୍ଚିବେ ଦୁବାଇର ଯୁବରାଜ ତଥା ଉପପ୍ରଧାନମନ୍ତ୍ରୀ ।
- ଶିକ୍ଷକ ନିଯୁକ୍ତି ମାମଲାରେ ସୁପ୍ରିମ୍‌କୋର୍ଟରେ ରିଭ୍ୟୁ ପିଟିସନ୍ ଦାଖଲ କଲେ ପଶ୍ଚିମବଙ୍ଗ ସରକାର ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ୧୨ରନ୍‌ରେ ପରାସ୍ତ କଲା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ।

# ରାଷ୍ଟ୍ରପତି

ପର୍ତ୍ତୁଗାଲ୍‌ର ରାଜଧାନୀ ଲିସ୍‌ବନ୍‌ର ମେୟର୍ କାର୍ଲୋସ୍ ମାନୁଏଲ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ମାନାର୍ଥେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆୟୋଜନ କରିଥିଲେ । ଏଥିରେ ରାଷ୍ଟ୍ରପତି ମୁର୍ମୁଙ୍କୁ 'ସିଟି କି ଅଫ୍ ଅନର୍' ସମ୍ମାନ ପ୍ରଦାନ କରାଯାଇଛି । ଏହା ହେଉଛି ଲିସ୍‌ବନ୍ ସହର ଦ୍ୱାରା ପ୍ରଦାନ କରାଯାଉଥିବା ସର୍ବୋଚ୍ଚ ସମ୍ମାନ । ସମାରୋହକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଥିଲେ, ପର୍ତ୍ତୁଗାଲ୍‌ର ଚତୁର୍ଥ ବୃହତମ ସମ୍ପ୍ରଦାୟ ଭାବେ ସେଠାକାର ପ୍ରବାସୀ ଭାରତୀୟ ପ୍ରତିନିଧିତ୍ୱ କରୁଛନ୍ତି । ସେମାନେ ଉଭୟ ଦେଶର ସାଂସ୍କୃତିକ ସେତୁ ଭାବେ କାର୍ଯ୍ୟ କରିବା ସହ ଅର୍ଥନୀତି ବିକାଶରେ ଯୋଗଦାନ କରିଥାନ୍ତି । ଭାରତ ଏବଂ ପର୍ତ୍ତୁଗାଲ୍ ମଧ୍ୟରେ ସମ୍ପର୍କ ସୁଦୃଢ଼ ରହିଛି ବୋଲି ରାଷ୍ଟ୍ରପତି କହିଥିଲେ । ୨୦୪୭ ବିକଶିତ ଭାରତ ଗଠନ ପାଇଁ ବସୁଧୈବ କୁଟୁମ୍ବକମ୍ ଭାବନା ଦ୍ୱାରା ପରିଚାଳିତ ଏକ ସ୍ଥାୟୀ ବିଶ୍ୱ ପ୍ରତିଷ୍ଠା ଦିଗରେ ଭାରତ କାର୍ଯ୍ୟ ଜାରି ରଖିବ । ଏଥିପାଇଁ ରାଷ୍ଟ୍ରପତି କର୍ତ୍ତୁଗାଲ୍‌କୁ ଏକ ବିଶ୍ୱସନୀୟ ଅଂଶିଦାର ବୋଲି ବର୍ଣ୍ଣନା କରିଛନ୍ତି ।

**V/O**

# ପିଏମ୍-ମୁଦ୍ରାଲୋନ୍

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ଏ ପର୍ଯ୍ୟନ୍ତ ୩୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ଋଣ ମଞ୍ଜୁର କରାଯାଇଛି । ଏ ବାବଦରେ ୫୨ କୋଟିରୁ ଅଧିକ ହିତାଧିକାରୀ ସୁଫଳ ପାଇଛନ୍ତି । ଆର୍ଥିକ ଅନ୍ତର୍ଭୁକ୍ତି କରଣ ଏବଂ ଉଦ୍ୟୋଗୀଙ୍କୁ ସଶକ୍ତ କରିବା ଲକ୍ଷ୍ୟ ନେଇ ଋଣ ପ୍ରଦାନ ଉଦ୍ଦେଶ୍ୟରେ ୨୦୧୫ ମସିହାରେ ଏହି ଯୋଜନା ଆରମ୍ଭ କରାଯାଇଥିଲା । କ୍ଷୁଦ୍ର ଉଦ୍ୟୋଗ ଏବଂ ଅଣ-କର୍ପୋରେଟ୍ ସଂସ୍ଥା ଗୁଡ଼ିକ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ ବ୍ୟବସ୍ଥା ରହିଛି । ଏଥିରେ ତିନୋଟି ବର୍ଗରେ ଋଣ ଦିଆଯାଉଛି । ଶିଶୁ ବର୍ଗରେ ୫୦ ହଜାର ଟଙ୍କା, କିଶୋର ବର୍ଗରେ ୫ ଲକ୍ଷ ଏବଂ ତରୁଣ ବର୍ଗରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଉଛି । ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ସମ୍ବୋଧନ କରି ଆର୍ଥିକ ସେବା ବିଭାଗ ସଚିବ ଏମ୍. ନାଗାରାଜୁ ଗତକାଲି କହିଛନ୍ତି, ଏହି ଯୋଜନାକୁ ଆଜି ୧୦ ବର୍ଷ ପୂରଣ ହୋଇଛି । ମୁଦ୍ରା ଋଣ ଯୋଜନାରେ ୬୮ ପ୍ରତିଶତ ମହିଳା ଉଦ୍ୟୋଗୀ ସୁଫଳ ପାଇଛନ୍ତି ବୋଲି ସେ କହିଛନ୍ତି । ଅବହେଳିତ ଗୋଷ୍ଠୀଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳତା ଭାବନାକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ କ୍ଷୁଦ୍ର ଉଦ୍ୟୋଗ ମାଧ୍ୟମରେ ସେମାନଙ୍କର ଜୀବନଶୈଳୀରେ ଉନ୍ନତି ଆଣିବାରେ ଏହି ଯୋଜନା ବିଶେଷ ସହାୟକ ହୋଇଛି । ଏହି ଯୋଜନାରେ ୫୦ ପ୍ରତିଶତରୁ ଅଧିକ ତଫସିଲ୍‌ଭୁକ୍ତ ଜାତି, ଉପଜାତି ଏବଂ ଆର୍ଥିକ ଶ୍ରେଣୀର ଦୁର୍ବଳ ଉଦ୍ୟୋଗୀ ସୁଫଳ ପାଇଛନ୍ତି ବୋଲି ଶ୍ରୀ ନାଗାରାଜୁ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ଆଜି ମୁଦ୍ରା ଯୋଜନାର ହିତାଧିକାରୀଙ୍କ ସହ ସକାଳ ୯ଟାରେ ମତବିନିମୟ କରିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

# ଦୁବାଇ କ୍ରାଉନ୍ ପ୍ରିନ୍ସ

ଦୁବାଇର ଯୁବରାଜ, ଉପପ୍ରଧାନମନ୍ତ୍ରୀ ତଥା ୟୁ.ଏ.ଇ.ର ପ୍ରତୀରକ୍ଷା ମନ୍ତ୍ରୀ ଶେଖ୍ ହମଦାନ୍ ବିନ୍ ମହମ୍ମଦ ଅଲ୍ ମକ୍ତୁମ୍ ଦୁଇଦିନିଆ ଭାରତ ଗସ୍ତରେ ଆସି ଆଜି ନୂଆଦିଲ୍ଲୀଠାରେ ପହଞ୍ଚିବେ । ଦୁବାଇର ଯୁବରାଜ ଭାବେ ଏହା ତାଙ୍କର ପ୍ରଥମ ସରକାରୀ ଭାରତ ଗସ୍ତ । ତାଙ୍କ ସହ ମନ୍ତ୍ରିମଣ୍ଡଳର ସଦସ୍ୟ, ବରିଷ୍ଠ ସରକାରୀ ଅଧିକାରୀ ଏବଂ ବ୍ୟାବସାୟିକ ପ୍ରତିନିଧି ମଣ୍ଡଳୀ ଭାରତ ଗସ୍ତରେ ଆସୁଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦୁବାଇ ଯୁବରାଜଙ୍କ ସମ୍ମାନାର୍ଥେ ମଧ୍ୟାହ୍ନ ଭୋଜନର ଆୟୋଜନ କରିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସହ ଏହି ପ୍ରତିନିଧି ମଣ୍ଡଳୀ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଆଜି ସନ୍ଧ୍ୟାରେ ଯୁବରାଜ ଶ୍ରୀ ମକ୍ତୁମ୍ ମୁମ୍ବାଇ ଗସ୍ତରେ ଯିବେ । ସେଠାରେ ସେ ଉଭୟ ଦେଶର ପ୍ରମୁଖ ବ୍ୟବସାୟିକ

ପ୍ରତିନିଧିଙ୍କ ସହ ବୈଠକରେ ଅଂଶଗ୍ରହଣ କରିବେ । ଉଭୟ ଦେଶ ମଧ୍ୟରେ ଅର୍ଥନୈତିକ ଓ ବାଣିଜ୍ୟିକ ସହଯୋଗକୁ ସୁଦୃଢ଼ କରିବା ନେଇ ଏହି ବୈଠକର ଆୟୋଜନ କରାଯାଇଛି ।

ଆମ ପ୍ରତିନିଧି ଦେଇଥିବା ସୂଚନା ଅନୁଯାୟୀ ୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁ.ଏ.ଇ. ଗସ୍ତ କରିବା ପରେ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଅଧିକ ସୁଦୃଢ଼ ହୋଇଛି । ବିଭିନ୍ନ କ୍ଷେତ୍ରରେ ନୂତନ ବ୍ୟାପକ ଏବଂ ରଣନୈତିକ ଭାଗିଦାରୀ ଆରମ୍ଭ ହୋଇଛି । ୟୁ.ଏ.ଇ. ସହିତ ଭାରତର ବାଣିଜ୍ୟିକ, ସାଂସ୍କୃତିକ ଏବଂ ଲୋକଙ୍କ ମଧ୍ୟରେ ଆଦାନପ୍ରଦାନରେ ଦୁବାଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି । ୟୁ.ଏ.ଇ.ରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ମଧ୍ୟରୁ ୪ ଦଶମିକ୍ ୩ ନିୟୁତ ପ୍ରବାସୀ ଦୁବାଇରେ ବସବାସ କରନ୍ତି । ଦୁବାଇ ଯୁବରାଜଙ୍କ ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି ।

## ଡବ୍ଲ୍ୟୁବି ରିକ୍ରୁର୍ଟ୍‌ମେଣ୍ଟ ସ୍କାମ୍

ପଶ୍ଚିମବଙ୍ଗ ସ୍କୁଲ୍ ଗୁଡ଼ିକରେ ଶିକ୍ଷକ ନିଯୁକ୍ତି ମାମଲାରେ ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟରେ ଏକ ରିଭ୍ୟୁ ପିଟିସନ୍ ଦାଖଲ କରିଛନ୍ତି । ପଶ୍ଚିମବଙ୍ଗ ବିଦ୍ୟାଳୟ ସେବା ଆୟୋଗଙ୍କ ପକ୍ଷରୁ ୨୦୧୬ରେ ଶିକ୍ଷକ ଏବଂ ଅଣଶିକ୍ଷକ ପଦବୀ ଗୁଡ଼ିକରେ ୨୫ ହଜାର ୭୫୨ ନିଯୁକ୍ତିକୁ

ସୁପ୍ରିମ୍‌କୋର୍ଟ୍ ଅବୈଧ ଘୋଷଣା କରିଥିଲେ । ଶିକ୍ଷକମାନେ ଚାକିରୀ ହରାଇବା ପରେ ସମଗ୍ର ଶିକ୍ଷା ବ୍ୟବସ୍ଥା ପ୍ରଭାବିତ ହେବ ବୋଲି ରାଜ୍ୟ ସରକାର ତାଙ୍କ ଆବେଦନରେ ଉଲ୍ଲେଖ କରିଛନ୍ତି ।

ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପରିସ୍ଥିତିର ସମୀକ୍ଷା କରିଛନ୍ତି । କୋଲକାତାର ନେତାଜୀ ଇଣ୍ଡୋର ଷ୍ଟାଡିୟମ୍ ଠାରେ ଏକ ସମ୍ମିଳନୀରେ ସୁପ୍ରିମ୍‌କୋର୍ଟଙ୍କ ନିଷ୍ପତ୍ତି ପରବର୍ତ୍ତୀ ପରିସ୍ଥିତିର ସମାଧାନ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କହିଛନ୍ତି । କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସି.ବି.ଆଇ. ଏହି ନିଯୁକ୍ତି ପ୍ରକ୍ରିୟାର ତଦନ୍ତ କରୁଛି । ତେବେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକୁ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିନାହାନ୍ତି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବାକୁଯାଉଛି । ଏଥିରେ ଏହି ପ୍ରସଙ୍ଗ ଆଲୋଚନା ହେବାର ଆଶା କରାଯାଉଛି ।

## ଆର୍‌ବିଆଇ-ଏମ୍‌ପିସି

ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ତିନି ଦିନିଆ ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ବୈଠକ ଗତକାଲିଠାରୁ ଆରମ୍ଭ ହୋଇଛି । ଆର୍.ବି.ଆଇ. ଗଭର୍ଣ୍ଣର ସଂଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଗଠିତ ୬ ଜଣିଆ ମୁଦ୍ରାନୀତି କମିଟି ବୈଠକର ନିଷ୍ପତ୍ତି ଆସନ୍ତାକାଲି ଘୋଷଣା କରାଯିବ । ଚଳିତ ଆର୍ଥିକ

ବର୍ଷର ଏହା ହେଉଛି ପ୍ରଥମ ବୈଠକ । ଗତ ଫେବୃୟାରୀ ମାସରେ ଅନୁଷ୍ଠିତ ବୈଠକରେ ରେପୋରେଟ୍‌ରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରାଯାଇଥିଲା । ୨୦୨୦ ମେ ମାସ ପରେ ରେପୋରେଟ୍‌ରେ ପ୍ରଥମଥର ପାଇଁ ଏହି ସଂଶୋଧନ ହୋଇଥିଲା ।

## ସୀତାରମଣ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କର ଆଜିଠାରୁ ୬ ଦିନିଆ ୟୁରୋପ ଗସ୍ତ ଆରମ୍ଭ ହୋଇଛି । ଗତ ସନ୍ଧ୍ୟାରେ ସେ ଲଣ୍ଡନ ଠାରେ ପହଞ୍ଚିଛନ୍ତି । ବ୍ରିଟେନ୍‌ରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ବିକ୍ରମ ଦୋରାଇ ସ୍ୱାମୀ ହିଥ୍ରୋ ବିମାନ ବନ୍ଦରରେ ଅର୍ଥମନ୍ତ୍ରୀଙ୍କୁ ସ୍ୱାଗତ କରିଛନ୍ତି । ଏହି ଗସ୍ତ ଅବସରରେ ଅର୍ଥମନ୍ତ୍ରୀ ଅଷ୍ଟିଆ ଗସ୍ତ କରିବେ । ଲଣ୍ଡନ୍ ସ୍କୁଲ୍ ଅଫ୍ ଇକୋନମିକ୍ସ ସହଯୋଗରେ ଆଜି ଅର୍ଥମନ୍ତ୍ରୀ ଲଣ୍ଡନ ସ୍ଥିତ ଭାରତୀୟ ହାଇକମିଶନ୍ କାର୍ଯ୍ୟାଳୟରେ ଏକ ଆଲୋଚନା ଚକ୍ରରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଭାରତ-ବ୍ରିଟେନ୍ ଅର୍ଥନୈତିକ ଏବଂ ଆର୍ଥିକ ଆଲୋଚନାର ୧୩ତମ ମନ୍ତ୍ରୀ ସ୍ତରୀୟ ବୈଠକରେ ଆସନ୍ତାକାଲି ସୀତାରମଣ ବ୍ରିଟେନ୍ ପ୍ରତିପକ୍ଷ ଚାନ୍‌ସେଲର୍ ରାଚେଲ୍ ରିଭ୍ସଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ମୁମ୍ବାଇ ଗ୍ଲୋବାଲ୍ ଫୋରମ୍

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ନିରପେକ୍ଷ ବାଣିଜ୍ୟ ସ୍ଥିତିକୁ ଗ୍ରହଣ କରୁଥିବା ଏବଂ ବ୍ୟବସାୟ ପାଇଁ ସମାନ ସୁଯୋଗ ପ୍ରଦାନ କରୁଥିବା ଦେଶ ଗୁଡ଼ିକ ସହ ମିଳିତ ଭାବେ କାମ କରିବାକୁ ଭାରତ ଆଗ୍ରହୀ । ମୁମ୍ବାଇ ଠାରେ ଇଣ୍ଡିଆ ଗ୍ଲୋବାଲ୍ ଫୋରମ୍‌ରେ ଗତକାଲି ଯୋଗ ଦେଇ ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି, ନିରପେକ୍ଷ ବାଣିଜ୍ୟ ଅଭ୍ୟାସ ଅନୁସରଣ କରାଗଲେ ହିଁ ଭାରତୀୟ କମ୍ପାନୀ ଗୁଡ଼ିକ ଦକ୍ଷ ଏବଂ ଭଲ ପ୍ରଦର୍ଶନ କରିପାରିବେ । ବିଶ୍ୱର ବିକଶିତ ଚାହିଦା ପୂରଣ କରିବା ପାଇଁ ଭାରତରେ ଆତ୍ମନିର୍ଭରଶୀଳତା, ଉଦ୍ଭାବନ ଏବଂ ପ୍ରତିଯୋଗିତା ମୂଳକ ପ୍ରସଙ୍ଗ ଗୁଡ଼ିକ ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ମନ୍ତ୍ରୀ ଶ୍ରୀ ଗୋୟଲ ସମ୍ପୃକ୍ତ ଅଂଶିଦାରମାନଙ୍କୁ ଅନୁରୋଧ କରିଥିଲେ । ଫିକିର ୯୮ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏହି ସମ୍ମିଳନୀର ଆୟୋଜନ କରାଯାଇଛି ।

## ପୋଷଣ ପଖୱାଡା

ଦେଶରୁ ପୁଷ୍ଟିହୀନତା ଦୂର କରିବା ଲକ୍ଷ୍ୟ ନେଇ ଆଜିଠାରୁ ପୋଷଣ ପକ୍ଷର ସପ୍ତମ ସଂସ୍କରଣ ଆରମ୍ଭ ହୋଇଛି । ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏହି ଅବସରରେ ୪ଟି ପ୍ରମୁଖ ବିଷୟବସ୍ତୁ ଉପରେ ଗୁରୁତ୍ୱପ୍ରଦାନ କରାଯାଉଛି । ଏଥିରେ ଜୀବନର ପ୍ରଥମ ୧ହଜାର ଦିନ, ପୋଷଣଯୁକ୍ତ ହିତାଧିକାରୀଙ୍କ ପଦକ୍ଷେପକୁ ନେଇ ସଚେତନତା ସୃଷ୍ଟି କରିବା, କୁ-ପୋଷଣର ପରିଚାଳନା ଏବଂ ଶିଶୁଙ୍କର ମେଦବହୁଳତା ଦୂର କରିବା ସହିତ ସୁସ୍ଥ ଜୀବନଶୈଳୀ ଆପଣେଇବା ଆଦି ପ୍ରସଙ୍ଗ ଗୁଡ଼ିକ ଉପରେ

ଗୁରୁତ୍ୱ ଦିଆଯାଇଛି । ପୁଷ୍ଟିହୀନତା ଦୂର କରିବା ଲାଗି ସରକାରଙ୍କର ପ୍ରତିବଦ୍ଧତା ସ୍ୱରୂପ ଏହି ପକ୍ଷ ପାଳିତ ହୋଇଆସୁଛି । ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ଆଜି ଏକ ୱେବ୍‌କାଷ୍ଟ ମାଧ୍ୟମରେ ୧୮ଟି ଅଂଶିଦାର ମନ୍ତ୍ରଣାଳୟର  ଅଧିକାରୀ ଏବଂ  ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଅଙ୍ଗନବାଡ଼ି କର୍ମୀଙ୍କୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ବିଜୟୀ ହୋଇଛି । ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍ ଠାରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଆର୍.ସି.ବି. ମୁମ୍ବାଇ ଇଣ୍ଡିଆନ୍ସକୁ ୧୨ରନ୍‌ରେ ପରାସ୍ତ କରିଛି । ଟସ୍ ଜିତି ମୁମ୍ବାଇ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ବେଙ୍ଗାଲୁରୁ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୨୨୧ରନ୍ ସଂଗ୍ରହ କରିଥିଲା । ଦଳର ଅଧିନାୟକ ରଜତ ପଟିଦାର ୩୨ ବଲ୍‌ରୁ ୬୪ରନ୍ ସଂଗ୍ରହ କରିଥିଲେ । ୨୨୨ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ମୁମ୍ବାଇ ୯ ୱିକେଟ୍ ବିନିମୟରେ ୨୦୯ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ବେଙ୍ଗାଲୁରୁ ପକ୍ଷରୁ କୁନାଲ୍ ପାଣ୍ଡ୍ୟା ୪ଟି ୱିକେଟ୍ ଅକ୍ତିଆର କରିଥିଲେ । ରଜତ ପଟିଦାରଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି ।

ଆଜି ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହେବ । ପ୍ରଥମ ମ୍ୟାଚ୍‌ରେ ଅପରାହ୍ଣ ସାଢ଼େ ତିନିଟାରେ କୋଲକାତାର ଇଡେନ୍‌ଗାର୍ଡେନ୍‌ରେ କୋଲକାତା ନାଇଟ୍‌ରାଇଡର୍ସ୍ ଏବଂ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଦ୍ୱିତୀୟ ମ୍ୟାଚ୍‌ରେ ସନ୍ଧ୍ୟା ସାଢ଼େ ୭ଟାରେ ଚଣ୍ଡିଗଡ଼ ଠାରେ ପଞ୍ଜାବ କିଙ୍ଗସ୍ ଏବଂ ଚେନ୍ନାଇ ସୁପରକିଙ୍ଗସ୍ ପରସ୍ପରକୁ ଭେଟିବେ ।